## ଦେଢ଼ବର୍ଷ ପରେ ମିଳିଲା ଚୋରି ବାଇକ୍



ଦିଗପହଣ୍ଡି,୭ ।୫(ସମିସ): କେ.ନୂଆଗାଁ ଥାନା ପୁଲିସକୁ ରାସ୍ତାକଡରୁ ମିଳିଥିବା ହୋଣ୍ଡା ୟୁନିକର୍ଣ୍ଣ ବାଇକ (ନଂ. ଓଡ଼ି୦୭ ଏଜି - ୪୨୫୦)କୁ ବୁଧବାର ନୂଆପଡ଼ା ଫାଣ୍ଡି ଅଧିକାରୀ ସୁବାସ ବାୟକ ପ୍ରକୃତ ମାଲିକଙ୍କୁ ଫେରାଇଥିବା ଜଣାପଡିଛି। ଗତ ୨୦୨୪ମସିହା ଅକ୍ଟୋବର ୫ତାରିଖ ସନ୍ଧ୍ୟା ସାଢ଼େ ୫ଟାରେ ବ୍ରହ୍ମପୁର ଖଲ୍ଲିକୋଟ ସ୍ୱୟଂ ଶାସିତ ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଚୋରି ହୋଇଥିଲା। ବ୍ରହ୍ମପୁର ନିମଖଣ୍ଡି ଥାନା ମେଡ଼ିକାଲ ବ୍ୟାଙ୍କ କଲୋନୀ ୪ର୍ଥ ଲେନ୍‌ର ମିହିର କୁମାର ଦାସ ସେଠାରେ ବାଇକ ରଖି ବଜାର କରୁଥିବା ବେଳେ କେହି ଦୁର୍ବୃତ୍ତ ବାଇକ ଟିକୁ ଚୋରି କରିଥିଲେ। ସେ ବାଇକକୁ ଖୋଜାଖୋଜି କରିବା ପରେ ମଧ୍ୟ ସନ୍ଧାନ ମିଳିନଥିଲା। ସେ ଏନେଇ ବ୍ରହ୍ମପୁର ଟାଉନ ଥାନାରେ ଜଣାଇଥିଲେ। ପରେ ଅନଲାଇନ୍‌ରେ ଏତଲା ଦେଇଥିଲେ ମଧ୍ୟ ପଞ୍ଜୀକୃତ ହୋଇପାରିନଥିଲା। ମନସ୍ତାପ କରି ବାଇକ ଚୋରି ଘଟଣାକୁ ଭୁଲିଯାଇଥିଲେ। କିଛି ମାସ ପରେ କେ.ନୂଆଗାଁ ଥାନା ତତ୍କାଳୀନ ନୂଆପଡ଼ା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ସଦଳବଳେ ରାତ୍ରୀକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଦିଗପହଣ୍ଡି ବ୍ଲକ ଗୌଡ଼ ଗାଁ ନିକଟ ମୁଖ୍ୟରାସ୍ତା କଡରେ କେହି ବାଇକଟି ଛାଡି ଚାଲି ଯାଇଥିବା ଦେଖିଥିଲେ। ପୁଲିସ ବାଇକକୁ ଜବତ କରି ଫାଣ୍ଡିକୁ ଆଣିଥିଲେ। ଜବତ ବାଇକର କେହି ଦାବିଦାର ନଥିବାରୁ ବାଇକ ଟିକୁ ପୋଲିସ ହେପାଜତରେ ରଖିଥିଲେ। ନବ ନିଯୁକ୍ତ ନୂଆପଡ଼ା ଫାଣ୍ଡି ଅଧିକାରୀ ଉକ୍ତ ବାଇକର ଚେଶିସ ନଂ. ଇଞ୍ଜିନ ନଂ. ଏବଂ ରେଜିଷ୍ଟ୍ରେସନ ନଂ. ଗୁଡ଼ିକୁ ତଲାସି କରି ବାଇକ ମାଲିକଙ୍କ ନାଁ ଓ ଠିକଣା ସଂଗ୍ରହ କରିଥଲେ। କେ.ନୂଆଗାଁ ଥାନା ଆଇଆଇସି ବିଶ୍ୱଜିତ ନାୟକଙ୍କୁ ଫାଣ୍ଡି ଅଧିକାରୀ ଏନେଇ ସୂଚନା ଦେବାପରେ ବୁଧବାର ବାଇକ ମାଲିକଙ୍କୁ ଥାନାକୁ ଡକାଯାଇଥିଲା। ବାଇକର ସମସ୍ତ କାଗଜପତ୍ର ଯାଞ୍ଚ କରାଯିବା ପରେ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ପ୍ରକୃତ ମାଲିକଙ୍କୁ ବାଇକ ଟିକୁ ଜିମାରେ ଦିଆଯାଇଥିଲା। ଦେଢବର୍ଷ ପରେ ବାଇକ ଟି ତାଙ୍କୁ ମିଳିବାପରେ ସେ ପୁଲିସ ଅଧିକାରୀ ମାନଙ୍କୁ କୃତଜ୍ଞତା ଜଣାଇଥିବା କହିଛନ୍ତି।

## ମାଲିକଙ୍କୁ ଚାବି ପକାଇ ଲୁଟିନେଲେ ୧୪ ଛେଳି

ଗଞ୍ଜାମ,୭ ।୫(ସମିସ): ଗଞ୍ଜାମ ବ୍ଲକ ରମ୍ଭା ଥାନା ହୁମା ଫାଣ୍ଡି ଅନ୍ତର୍ଗତ ନୀଳାଦ୍ରିପୁର ଗ୍ରାମରୁ ୧୪ଟି ଛେଳି ଚୋରି ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଛେଳି ମାଲିକ ନରହରି ସାହୁଙ୍କ ଘର ଗ୍ରିଲ ଚାବି ପକେଇ ଗୁହାଳରୁ ଛେଳି ଗୁଡିକ ଚୋରି କରି ନେଇଯାଇଛନ୍ତି। ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତିଙ୍କ ଏଥିରେ ହାତ ଥିବା ସନ୍ଦେହ କରୁଛନ୍ତି ଛେଳି ମାଲିକ। ଏନେଇ ଛେଳି ମାଲିକ ହୁମା ଫାଣ୍ଡିରେ ଅଭିଯୋଗ କରିବେ ବୋଲି ଜଣାପଡିଛି। ପ୍ରକାଶଯୋଗ୍ୟ ବର୍ତ୍ତମାନ ଛତୁ ଫୁଟିଲା ଭଳି ଚାରିଆଡେ ବିବାହ ଭୋଜି ଚାଲିଥିବା ବେଳେ ଦୃବୃର୍ତ୍ତ ମାନେ ଛେଳି ଚୋରି କରି ଭୋଜି କରୁଥିବା ଲୋକଙ୍କୁ ବିକ୍ରି କରୁଛନ୍ତି। ଚୋରି ଛେଳିକୁ ରାତାରାତି କାଟି ମଟନ ଭୋଜି ମଜା ଉଠାଉଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ଅଜଣା ଗାଡ଼ି ଧକ୍କାରେ ୩ ହରିଣ ଗୁରୁତର

ଭଞ୍ଜନଗର,୭ ।୫ (ସମିସ): ଗଞ୍ଜାମ ଜିଲା ଭଞ୍ଜନଗର ଦୁର୍ଗାପ୍ରସାଦ ଜାତୀୟ ରାଜପଥର ସୋରାଦେବୀ ମନ୍ଦିର ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଏକ ମାଈ ହରିଣ ଛୁଆ ଗୁରୁତର ଆହତ ହୋଇଛି। ଖବର ପାଇ ମୁଜାଗଡ ରେଞ୍ଜ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଆହତ ହରିଣକୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ପ୍ରାଣୀ ଚିକିତ୍ସାଳୟକୁ ଅଣାଯାଇଛି। ସୂଚନା ଯୋଗ୍ୟ ଭଞ୍ଜନଗର ଦୁର୍ଗାପ୍ରସାଦ ଜାତୀୟ ରାଜପଥର ସୋରାଦେବୀ ମନ୍ଦିର ନିକଟରେ ୩ଟି ହରିଣ ରାସ୍ତା ପାର ହେଉଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ଗାଡ଼ି ଧକ୍କା ଦେଇଥଠିଲା। ଏହି ସମୟରେ ସମ୍ପୃକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଘଟଣା ସମ୍ପର୍କରେ ବନ ବିଭାଗକୁ ସୂଚନା ଦେଇଥିଲେ। ବନପାଳ ବବୁଲ ସେଠୀ, ବନରକ୍ଷୀ ବସନ୍ତ ସାହୁ ଓ ରାପିଡ ରେସ୍ପନ୍ସ ଟିମ୍ କର୍ମଚାରୀ ପ୍ରମୋଦ ବିଷୋୟୀ, ରଞ୍ଜନ ବିଷୋୟୀ, କେଦାର ମଲ୍ଲିକ, ଭିକାରୀ ବିଷୋୟୀ, ସରୋଜ ପାତ୍ର, ନାରାୟଣ ଚୌଧୁରୀ, ଅନୀଲ ଭୁୟାଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହରିଣକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ପ୍ରାଣୀ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଚିକିତ୍ସା ଚାଲିଛି।

**ବିକ୍ରମପୁର ବିଶ୍ୱଶାନ୍ତି ମହାଯଜ୍ଞରେ ଅଘଟଣ**

# ବାଉଁଶ ଗେଟ୍ ପଡ଼ି ୨ ନାବାଳକ ଗୁରୁତର

ଖଲ୍ଲିକୋଟ,୭।୫(ସମିସ)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ବିକ୍ରମପୁର ଗ୍ରାମରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ସାମାନ୍ୟ ପବନ ରେ ବିରାଟ ବାଉଁଶ ଗେଟ ପଡି ଯାଇ ଦୁଇ ଜଣ ନାବାଳକ ଗୁରୁତର ଭାବେ ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ବିକ୍ରମପୁର ଗ୍ରାମରେ ଗତ ୪ ତାରିଖରୁ ଶ୍ରୀ ଜଗନ୍ନାଥ ସ୍ୱଜନ ପରିବୃତ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହା ଆସନ୍ତା ୧୫ ତାରିଖ ରେ ପୂର୍ଣ୍ଣାହୁତି ହେବ। ତେବେ ଏହି ଯଜ୍ଞ ପାଇଁ ତିଆରି ହୋଇଥିବା ଏକ ବିରାଟ ବାଉଁଶ ଗେଟ ବା ତୋରଣ ଆଜି ଅପରାହ୍ଣରେ ସାମାନ୍ୟତମ ପବନରେ ହଠାତ ଭାଙ୍ଗି ତଳେ ପଡି ଯାଇଥିଲା। ଫଳରେ ଚାରିଜଣ ନାବାଳକ ଆହତ ହୋଇଥିବା ବେଳେ ଦୁଇଜଣଙ୍କ ଅବସ୍ଥା







ଗୁରୁତର ହୋଇଛି। ଗୁରୁତର ମାନେ ହେଲେ ସେହି ବିକ୍ରମପୁର ଗ୍ରାମର ଅଂଶୁମାନ ଡାକୁଆ (୧୪) ଓ ରୋହିତ ଡାକୁଆ (୭)। ଅଂଶୁମାନ ସାଇକେଲରେ ଆସୁଥିବା ବେଳେ ଗେଟ ପଡ଼ି ଯିବାରୁ ସେ ସାଇକେଲ ସହ ବାଉଁଶ ଗେଟ ତଳେ ଚାପି ହୋଇ ରହି ଯାଇଥିଲେ।

ସ୍ଥାନୀୟ ଲୋକେ ତାଙ୍କୁ ବହୁ କଷ୍ଟରେ ଉଦ୍ଧାର କରିଥିଲେ। ତାଙ୍କର ଗୋଡ଼ ରେ ପ୍ରବଳ ଆଘାତ ଲାଗି ଥିବା ବେଳେ ରୋହିତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପ୍ରଥମେ ସେମାନଙ୍କୁ ଖଲ୍ଲିକୋଟ ମେଡିକାଲକୁ ଆଣାଯାଇ ଚିକିତ୍ସା କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖିଦେଇଛି।

## 'ପୁଅ ଜନ୍ମ କରି ପାପ କରିଛି' ମଞ୍ଚସ୍ଥ




ପୋଲସରା,୭ ।୫(ସମିସ): ଚିରିକିପଡା ଶାସନ ଗ୍ରାମର ମେଡିକାଲ ଛକ ନିକଟ ଜେନା ପଡ଼ିଆରେ ସାଂସ୍କୃତିକ ନାଟ୍ୟ ମହୋତ୍ସବ ଅବସରରେ ଶ୍ରୀ ଶ୍ରୀ ତୁମ୍ବେଶ୍ୱର ନାଟ୍ୟ ସଂସଦର ଷଷ୍ଠ ଅବଦାନ ଓ ଗ୍ରାମର ଯୁବ କଳାକାର ମାନଙ୍କ ଦ୍ୱାରା ଆୟୋଜିତ ସାମାଜିକ ନାଟକ ''ପୁଅ ଜନ୍ମ କରି ପାପ କରିଛି'' ମଞ୍ଚସ୍ଥ ହୋଇଯାଇଛି। ଯୁବ କଳାକାର ମାନଙ୍କ ଦ୍ୱାରା ଆୟୋଜିତ ନାଟକକୁ ଉଦ୍‌ଘାଟକ ଭାବେ ବୁଗୁଡ଼ା ପିପୁଲସ୍ କଲେଜ ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ସାହୁ, ମୁଖ୍ୟ ବକ୍ତା ଭାବେ କୋଷାଧ୍ୟକ୍ଷ ଧର୍ମେନ୍ଦ୍ର ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ଖରିଡା ମାଁ ସ୍ୱପ୍ନେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଯୋଗଦାନ ପୂର୍ବକ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଉଦ୍‌ଘାଟନ କରିଥିଲେ। ଅତିଥିଗଣ କଳାକାର ମାନଙ୍କୁ ଉତ୍ସାହିତ କରିବା ସହିତ ନାଟକରେ ସମାଜ ପ୍ରତି ଥିବା ସଂସ୍କାରକୁ ଗ୍ରହଣ କରି ଅପସଂସ୍କୃତିକୁ ସେଠାରେ ଛାଡି ଯିବାପାଇଁ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶକ ଏନ୍ ତ୍ରୀପତି ପାତ୍ର ନାଟକକୁ ନିର୍ଦ୍ଦେଶନା ଦେଇଥିବା ବେଳେ ସବୁରି ମୁଳରେ ଉପେନ୍ଦ୍ର ନାୟକ ଓ ତୁତୁନୁ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଯୁବ କଳାକାର ରୋହିତ ବେହେରୁକ ମଞ୍ଚ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଜିତେନ୍ଦ୍ର ସାହୁ, ହରିହର ନାହାକ, ବାସୁଦେବ ନାୟକ, ଜିତେନ୍ଦ୍ର କୁମାର ସାହୁ,ଗଙ୍ଗାଧର ନାୟକ, କଂଗ୍ରେସ ପୋଲାଇ, ଅଶୋକ ବେହେରୁକ ନାରୀ ଭୂମିକାରେ ମାମୁନୀ, ମଇନା, ରୁପାଲୀ, ସୋନା ରଜନୀ ଓ ଶିଶୁ ଭୂମିକାରେ ବିଶ୍ୱପ୍ରତୀକ,ବବୁଲ, ବନ୍ଦନା, କ୍ରୀତି, ରାକେଶ, ଜିତୁ ଓ ଆଲୋକ ନାଟକରେ ବିଭିନ୍ନ ଭୂମିକାରେ ସୁନ୍ଦର ଅଭିନୟ କରିଥିଲେ।

## ଡାକ ଜୀବନ ବୀମା କ୍ଷେତ୍ରରେ ଆସିକା ଡାକ ମଣ୍ଡଳ ଓଡ଼ିଶାରେ ପ୍ରଥମ

ଆସିକା,୭ ।୫(ସମିସ): ଡାକ ଜୀବନ ବୀମା (ପି. ଏଲ୍. ଆଇ.) ଓ ଗ୍ରାମୀଣ ଡାକ ଜୀବନ ବୀମା (ଆର୍. ପି. ଏଲ୍. ଆଇ.) ବ୍ୟବସାୟ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ର ଆସିକା ଡାକ ମଣ୍ଡଳ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ୫୧ କୋଟି ଟଙ୍କାର ପ୍ରିମିୟମ ପୂରଣ କରିବାକୁ ଯାଇ ୬୭ କୋଟି ଟଙ୍କାର ପ୍ରିମିୟମ ସଂଗ୍ରହ କରି ୧୩୧ ପ୍ରତିଶତ ସଫଳତା ପାଇଛି। ଏହା ଦ୍ୱାରା ଆସିକା ଡାକ ମଣ୍ଡଳ ଓଡ଼ିଶାର ଅନ୍ୟ ୨୨ଟି ଡାକ ମଣ୍ଡଳକୁ ପଛରେ ପକେଇ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ଏହି ସଫଳତା ପାଇଁ ଆସିକା ଡାକ ମଣ୍ଡଳକୁ ଗତ ମଙ୍ଗଳବାର ଓ ବୁଧବାର ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଡାକ ପ୍ରଶିକ୍ଷଣ କେନ୍ଦ୍ରଠାରେ ଆୟୋଜିତ ଦ୍ୱିଦିବସୀୟ ବାର୍ଷିକ ବ୍ୟବସାୟ ଯୋଜନା-୨୦୨୬ କର୍ମଶାଳାର ଅନ୍ତିମ ଦିବସରେ ପୁରସ୍କୃତ କରାଯାଇଛି। ଓଡ଼ିଶା ପୋଷ୍ଟାଲ ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ୍ ସିଂ, ବ୍ରହ୍ମପୁର ପୋଷ୍ଟାଲ୍ ରିଜନର ପୋଷ୍ଟ ମାଷ୍ଟର ଜେନେରାଲ କର୍ଣ୍ଣେଲ ବିନୋଦ କୁମାର, ଡାକ ସେବା ନିର୍ଦ୍ଦେଶକ (ମୁଖ୍ୟାଳୟ) ଏମ. କୋରାଗାପ୍ପା, ସମ୍ବଲପୁର ପୋଷ୍ଟାଲ୍ ରିଜନର ଡାକ ସେବା ନିର୍ଦ୍ଦେଶକ ଏସ. କେ. ଠାକରେ ଉପସ୍ଥିତ ରହି ଆସିକା ଡାକ ମଣ୍ଡଳର ଅଧିକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦିଲ୍ଲୀପ ବେହେରାଙ୍କୁ ମାନପତ୍ର ଓ ସ୍ମୃତି ଫଳକ ପ୍ରଦାନ କରିଛନ୍ତି। ଏହା ପରେ ଗୁରୁବାର ଆସିକା ଡାକ ମଣ୍ଡଳ କାର୍ଯ୍ୟାଳୟରେ ସହକାରୀ ଡାକ ଅଧିକ୍ଷକ ପରମାନନ୍ଦ କଣ୍ଡଙ୍କ ସମେତ ବିଭାଗୀୟ କର୍ମଚାରୀ ଡାକ ଅଧୀକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣେଲ ବେହେରାଙ୍କୁ ଅଭିନନ୍ଦନ ଜଣେଇବା ସହ ସମ୍ବର୍ଦ୍ଧିତ କରିଛନ୍ତି।

## ହୁମୁକିରେ ବିଶ୍ୱଶାନ୍ତି ବାସୁଦେବ ମହାଯଜ୍ଞ

ଆସିକା,୭ ।୫(ସମିସ): ଆସିକା ବ୍ଲକର ଖାରିଆ ଗ୍ରାମ ପଂଚାୟତର ହୁମୁକି ଗ୍ରାମରେ ବିଶ୍ୱ ଶାନ୍ତି ପାଇଁ ବାସୁଦେବ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୪୮ ପ୍ରହର ନାମ ଯଜ୍ଞ, ଗୋ ଯଜ୍ଞ, ଜ୍ଞାନ ଯଜ୍ଞ, ଅନ୍ନ ଯଜ୍ଞ ମଧ୍ୟ ହୋଇଯାଇଛି। ହୁମୁକି ଗ୍ରାମବାସୀ ପକ୍ଷରୁ ଆୟୋଜିତ ଏହି ପଞ୍ଚ ମହାଯଜ୍ଞରେ ବହୁ ସାଧୁ ସନ୍ଥ ଉପସ୍ଥିତ ରହିଥିବା ବେଳେ ଆଖ ପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। କର୍ତ୍ତା ରୂପେ ପ୍ରମୋଦ ଚନ୍ଦ୍ର ପଣ୍ଡା, ଗ୍ରାମ୍ୟ ଓ ଯଜ୍ଞ କମିଟି ସଭାପତି ବିଜୟ ଚନ୍ଦ୍ର ଗୌଡ଼, ଗ୍ରାମ୍ୟ କମିଟି ସମ୍ପାଦକ ଅଚୁତ କୁମାର ଡାକୁଆ, ଯଜ୍ଞ କମିଟି ସମ୍ପାଦକ ସନ୍ତୋଷ କୁମାର ପୋଲାଇ, ଯଜ୍ଞ କାର୍ଯ୍ୟକ୍ରମ ମୁଖ୍ୟ ପଣ୍ଡିତ କର୍ମ କାଣ୍ଡ ବିଶାରଦ ପ୍ରମୋଦ କୁମାର ତ୍ରିପାଠୀ, ନାମ ଯଜ୍ଞ ପଣ୍ଡିତ ମହନ୍ତ ବ୍ରଜ ବନ୍ଧୁ ଦାଶ ମହାରାଜ.ଜ୍ଞାନ ଯଜ୍ଞ ପଣ୍ଡିତ ଗୋବିନ୍ଦ ମୁରାରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ




ଗଞ୍ଜାମ,୭ ।୫(ସମିସ): ଗଞ୍ଜାମ ସହରଠାରେ ସପ୍ତମ ତମ ଇକୋ ଓଡିଶା ରାଜ୍ୟସ୍ତରୀୟ ଆର୍ମଚର କିକ ବକ୍ସିଂ ଚାମ୍ପିୟାନସିପ ଶୁଭାରମ୍ଭ ହୋଇଯାଇଛି। ସହର ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ମୁଖ୍ୟ ଅତିଥିଭାବେ ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ, କିକ ବକ୍ସିଙ୍ଗ ରାଜ୍ୟ ଉପଦେଷ୍ଟା ଭବାନୀ ପ୍ରସାଦ ମିଶ୍ର, ରାଜ୍ୟ ସଭାପତି କାର୍ତ୍ତିକ ଡାକୁଆ, କୋଷାଧ୍ୟକ୍ଷ ପଦ୍ମ ଚରଣ ପ୍ରଧାନ, ଗଞ୍ଜାମ ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ଡାକୁଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସିନ ରହିଥିଲେ।

ଆଗାମୀ ଅଲିମ୍ପିକରେ ମେଡ଼ାଲ ଆଣିବା ପାଇଁ ପ୍ରତିଯୋଗି ମାନଙ୍କୁ ଉତ୍ସାହିତ କରାଯାଇଥିଲା। ଷ୍ଟେଟ ଅର୍ଗନାଇଜର କୃଷ୍ଣଚନ୍ଦ୍ର ଡାକୁଆ ଉଦଘାଟନି ସମାବେଶରେ ସଂଯୋଜନା କରିଥିଲେ। ଚାମ୍ପିୟାନସିପ ଭାଗ ନେବାକୁ ଆସିଥିବା ୨୩ ଜିଲ୍ଲାର ୫୬୦ ପ୍ରତିଯୋଗୀ ମାନେ ଇଣ୍ଡୋର ଷ୍ଟାଡିୟମରେ ପ୍ରବେଶ କରିବା ସହ ରିଙ୍ଗ ଉପରେ ଚାମ୍ପିୟାନସିପ ଆରମ୍ଭ ହୋଇଥିଲା। ଇକୋ ଓଡିଶା ଆର୍ମଚର କିକ ବକ୍ସିଙ୍ଗ ଜଏଣ୍ଟ ସେକ୍ରେଟାରି ରଞ୍ଜନ ସୂତାର, ସହଯୋଗୀ ଭାବେ ବାପି ଦାସ, ରାନୁ ବୈଠାରୁ, ଭଗବାନ ପ୍ରଧାନ, ଆଶୁତୋଷ ଦାଶ, ଆଦିତ୍ୟ ମହାପାତ୍ର ରୟାଲ ବେହେରା, ସଚିନ ପ୍ରଧାନ ଶଙ୍କର ସ୍ୱାଇଁ, ମାନସ ରାଉଳ, ମଦନ ପାଢ଼ୀ ପ୍ରମୁଖ ଯୁବ ବ୍ୟକ୍ତିତ୍ୱ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ ଥିଲେ।

## ରମ୍ଭା ଚନ୍ଦନ ଯାତ୍ରାର ଚତୁର୍ଥ ଦିନରେ ଜମିଲା ଦର୍ଶକ ମେଳି



ରମ୍ଭା,୭ ।୫(ସମିସ): ପ୍ରସିଦ୍ଧ ରମ୍ଭା ଚନ୍ଦନ ଯାତ୍ରା ଚତୁର୍ଥ ଦିବସରେ ପହଞ୍ଚିଛି। ପାଗ ଅନୁକୂଳକୁ ଖାତିର ନ କରି ଦର୍ଶକ ମେଳି ଲକ୍ଷ୍ୟ କରାଯାଇଛି। ଯାତ୍ରାକୁ ଉପଭୋଗ କରିବା ପାଇଁ ରାଜରାସ୍ତା ପାଶ୍ୱର୍ ତଥା ସ୍ୱର୍ଣ୍ଣକାତର ଜାଗା ମାନଙ୍କରେ ବହୁ ଉଚ୍ଚତା ସମ୍ପର୍ଣ୍ଣ ତୋରଣ ସାଙ୍ଗକୁ ମେଢ଼ ନିର୍ମାଣ ଦର୍ଶକଙ୍କୁ ଆକୃଷ୍ଟ କରୁଛି।

ଏତଦ ବ୍ୟତୀତ ମିନା ବଜାର, ରାମ ଦୋଳି, ମନୋହର ସାମାନ, ରଙ୍ଗ ବେରଙ୍ଗର ସାମଗ୍ରୀ ବିକ୍ରୟ ହୋଇଥିବା ପରିଲକ୍ଷିତ ହୋଇଛି। ସ୍ଥାନେ ସ୍ଥାନେ ପାଲା, ଦାସକାଟିଆ, ଗୋଟି ପୁଅ ନାଚ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲୁ ରହିଅଛି। ମଦନ ମୋହନଙ୍କୁ ଚାପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ, ମୃଦଙ୍ଗ, ବାଜା ଦ୍ୱାରା ପହଣ୍ଡି ବିଜେ କରାଯାଇ ସାହିବସ୍ତି ପରିଭ୍ରମଣ କରାଯାଉଛି। ଏହି ଯାତ୍ରା ଚଳିତ ମାସ ୧୦ରିଖ ପର୍ଯ୍ୟନ୍ତ ଚାଲୁ ରହିବା ପାଇଁ ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି। ଏତଦ ବ୍ୟତୀତ ବିଭିନ୍ନ ସ୍ୱେଛାସେବୀ ମାନଙ୍କର ହାଲୁକା ଓ ନରମ ଖାଦ୍ୟ ବଣ୍ଟନ କରାଯାଉଛି।

## ଝରପାରିରେ ମା'କାଳୁଆ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧରାକୋଟ,୭ ।୫(ସମିସ): ଝରପାରି ଗ୍ରାମରେ ନୂତନ ଭାବରେ ନିର୍ମିତ ମା କାଳୁଆ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଦୀର୍ଘ ପାଞ୍ଚ ଦିନ ଧରି ଚାଲିଥିବା ବେଳେ ବୁଧବାର ଏହାର ପୂର୍ଣ୍ଣାହୁତି ହୋଇଯାଇଛି। ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଶେଷ ଦିବସର କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଝରପାରି ଗ୍ରାମବାସି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



**ବିନା କାରଣରେ ଚାକିରିରୁ ଛଟେଇ**

# ବ୍ଲକ୍ କାର୍ଯ୍ୟାଳୟରେ ଧାରଣା ଦେଲେ କାର୍ଯ୍ୟରୁ ବହିଷ୍କୃତ ଏମ୍‌ବିକେ

ଛତ୍ରପୁର,୭ ।୫(ସମିସ)

ଛତ୍ରପୁର ବ୍ଲକ ବଡ଼ ମାଧପୁର ପଞ୍ଚାୟତରେ ଏମବିକେ ଭାବେ କାର୍ଯ୍ୟରତ ମଞ୍ଜୁ ବେହେରାଙ୍କୁ ବିନା କାରଣରେ କାର୍ଯ୍ୟରୁ ଛଟେଇ କରାଯାଇଥିବାରୁ ନ୍ୟାୟ ଲାଗି ଛତ୍ରପୁର ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସି ରହିଛନ୍ତି। ଦୀର୍ଘ ୯ ବର୍ଷ ହେଲା ସେ ଉକ୍ତ ପଞ୍ଚାୟତରେ ନିଜ କାର୍ଯ୍ୟ ସଠିକ ଭାବେ ତୁଲାଇ ଆସୁଥିବା ବେଳେ ଗତ ୨ମାସ ହେଲା ତାଙ୍କଠାରୁ ଜିପିଏଲଏଫର ଚାବି ଛଡାଇ ନିଆଯାଇଛି।



ଏନେଇ ସେ ବହୁବାର ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିପିଏମଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ତାଙ୍କୁ ନ୍ୟାୟ ପ୍ରଦାନ କରିବା ଦାବି ନେଇ ସେ ଆଜି ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହାତରେ ପେଟ୍ରୋଲ ଧରି ଧାରଣାରେ ବସି ରହିଛନ୍ତି।

ନ୍ୟାୟ ପ୍ରଦାନ କରାନଗଲେ ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଏହାର ସୂଚନା ପାଇଁ ଘଟଣା ସ୍ଥଳରେ ଛତ୍ରପୁର ଥାନା ପୋଲିସ ପହଁଚି ଏମବିକେ ମଞ୍ଜୁଙ୍କ ଠାରୁ ପେଟ୍ରୋଲ ବୋତଲ ଛଡାଇ ନେଇଥିଲେ। ପରେ ବିଡ଼ିଓଙ୍କୁ ମଞ୍ଜୁ ବେହେରା ଭେଟିଥିଲେ। ଘଟଣା ବିଷୟରେ ସେ ବିଡ଼ିଓଙ୍କୁ କହିଥିଲେ। ଏନେଇ ବିଡ଼ିଓ ତାଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଘଟଣା ତଦନ୍ତ କରି ଏ ସମ୍ବନ୍ଧରେ ପ୍ରଥମେ ୟୁସି ମେମ୍ବର ମାନଙ୍କ ସହ ଆଲୋଚନା କରି ଏବଂ ପରେ ଜିଲ୍ଲାସ୍ତରରେ ଅଧିକାରୀଙ୍କୁ ବୁଝି ଏହାର ସମାଧାନ ବାଟ ବାହାର କରାଯିବ ବୋଲି ସେ କହିଥିଲେ। ପରେ ମଞ୍ଜୁ ବେହେରା ଘରକୁ ପଳାଇଥିଲେ।

## ବାର୍‌ହା ଉପଦ୍ରବରେ ଚିନାବାଦାମ ଫସଲ ନଷ୍ଟ : ଚିନ୍ତାରେ ଚାଷୀ

ଛତ୍ରପୁର,୭ ।୫(ସମିସ): ଛତ୍ରପୁର ବ୍ଲକ ଅଂଚଳରେ ଗତ କିଛିଦିନ ହେଲା ବାରହା ଉପଦ୍ରବ ଯୋଗୁଁ



ବିଭିନ୍ନ ରକମରମ ଚାଷ ଫସଲ ଗୁଡିକ ନଷ୍ଟ ହେବାର ଦେଖିବାକୁ ମିଳିଛି। ସେହିପରି ଭିକାରୀପଲ୍ଲୀ ଗ୍ରାମ ଗୁରୁବା ପାତ୍ର ଲଣ୍ଡାବାଉଁଶ ମୌଜାରେ ୫ଭରଣ ଚାଷ ଜମି ଚିନା ବାଦାମ ଫସଲ କରିଥିବା ବେଳେ ତାହା ବାରହା ଉପଦ୍ରବ ଯୋଗୁଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେ ଏହି ଚାଷ ନିମନ୍ତେ ବିଭିନ୍ନ ଧାର କରଜ ଆଣି ଚିନା ବାଦାମ ଫସଲ କରିଥିଲେ। ବର୍ତ୍ତମାନ ସେ ଭାଙ୍ଗି ପଡିଛନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦେବା ନିମନ୍ତେ ଅଂଚଳବାସୀ ଦାବି କରିବା ସହିତ ବାରହା ଉପଦ୍ରବ ଉପରେ ରୋକ ଲଗାଇବା ନିମନ୍ତେ ବନ ବିଭାଗ ଦୃଷ୍ଟି ଦେବା ନିମନ୍ତେ କହିଥିଲେ।

# କାଳବୈଶାଖୀରେ ଉପୁଡ଼ିଲା ଗଛ

ବେଲଗୁଣ୍ଠା, ୭।୫(ସମିସ): ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ବେଲଗୁଣ୍ଠା ଅଞ୍ଚଳରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା, ପବନ ସହ ଘଡଘଡି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବେଲଗୁଣ୍ଠା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ କଣ୍ଟେଇପଲ୍ଲୀ - ଲୁଦୁଲୁଦି ଛକ ରାସ୍ତାରେ ଏକ ବିରାଟ କେନ୍ଦୁ ଗଛ ଉପୁଡ଼ି ପଡ଼ିବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା।ଏହି ବଡ ପୁରୁଣା ଗଛ ପଡ଼ିବା ଫଳରେ ବ୍ରହ୍ମପୁର-ଫୁଲବାଣୀ ରାସ୍ତାରେ ପ୍ରାୟ ଏକ ଘଣ୍ଟା ଧରି ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଯାନବାହନ ଅଟକି ରହିବା ସହ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭଞ୍ଜନଗର ଅଗ୍ନିଶମ ବିଭାଗ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଗଛ କାଟି ରାସ୍ତା ସଫା କରିବା ପରେ ପୁନର୍ବାର ଯୋଗାଯୋଗ ସମ୍ଭବ ହୋଇଛି। ବର୍ଷା ପବନ ଯୋଗୁଁ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି।

# ମାନବିକତା ଦେଖାଇଲେ ବିଧାୟକ



ପାରଳାଖେମୁଣ୍ଡି, ୭।୫(ସମିସ): ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ କାଶୀନଗର ବ୍ଲକ ଗସ୍ତରେ ଯାଉଥିବା ସମୟରେ କେ. ସୀତାପୁର ପଞ୍ଚାୟତ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମ ନିକଟରେ ଘଟିଥିବା ଏକ ସଡକ ଦୁର୍ଘଟଣାରେ ଆହତଙ୍କୁ ଚିକିତ୍ସାଳୟକୁ ପଠାଇ ମାନବିକତା ଦେଖାଇଛନ୍ତି। ସୂଚନା ପ୍ରକାରେ ସିଙ୍ଗିପୁର ଗ୍ରାମ ନିକଟରେ ଏକ କାର ସହ ବାଇକ୍ ଧକ୍କା ହୋଇଥିଲା। ଫଳରେ ମୋଟର ସାଇକେଲ ଚାଳକ ଓ ତାଙ୍କ ପୁଅ ଆହତ ହୋଇଥିଲେ। ଇତି ମଧ୍ୟରେ ସେହି ରାସ୍ତା ଦେଇ ଯାଉଥିବା ବିଧାୟକ ଆହତମାନଙ୍କୁ ଦେଖି ନିଜ ଗାଡ଼ିରୁ ଓହ୍ଲାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସ ଯୋଗେ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏହି ସମୟରେ ସ୍ଥାନୀୟ ସରପଞ୍ଚ ତେଜେଶ୍ୱର୍ ରାଓ ଉପସ୍ଥିତ ରହି ୧୦୮କୁ ଫୋନ୍ କରିବା ସହ ଆହତ ହୋଇଥିବା ଲୋକ ମାନଙ୍କୁ ସହଯୋଗ କରିଥିଲେ। ବିଧାୟକଙ୍କ ଏପରି ସେବାମନୋଭାବକୁ ନେଇ ଚାରିଆଡେ ପ୍ରଶଂସା କରାଯାଉଛି।

# ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା





ଜି. ଉଦୟଗିରି, ୭।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ ଜି ଉଦୟଗିରି ବ୍ଲକ ଟପ୍ପର, ଜିଲ୍ଲାରେ ଦ୍ୱିତୀୟ ଏବଂ ଇରାଂଜିରେ ୯୭ ମାର୍କ ରଖି ରାଜ୍ୟରେ ପ୍ରଥମ ହୋଇଥିବା ଅଭିଳାଷ ପଟ୍ଟନାୟକଙ୍କୁ ପ୍ରେସ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରେସ କ୍ଲବ ସଭାପତି ରାମ କୃଷ୍ଣ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଅନିଲ କୁମାର ଦଳବେହେରାଙ୍କ ସହିତ ଉପ ସଭାପତି ପ୍ରସନ୍ନ କୁମାର ମିଶ୍ର, କୋଷାଧକ୍ଷ ସଞ୍ଜୟ କୁମାର ମହନ୍ତି, ସଂଗଠନ ସମ୍ପାଦକ ଏନ ରାଜା ରାଓ, କାର୍ଯ୍ୟକାରିଣୀ ସଭ୍ୟ ଦେବନାଥ ଦଳ ବେହେରା, ବଟକୃଷ୍ଣ ଦାଶ, ଦୁର୍ଗା ମାଧବ ପଟ୍ଟନାୟକ, ପି ସଂଜୀବ କୁମାର ପାତ୍ର, ନୀଳମାଧବ ପ୍ରଧାନ, ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସମ୍ପାଦକ ଅନିଲ କୁମାର ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ପାଞ୍ଚ ମାସ ଧରି ପିଡ଼ିଏସ୍ ଚାଉଳରୁ ବଞ୍ଚିତ

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଭିନ୍ନକ୍ଷମ



ଫିରିଙ୍ଗିଆ,୭।୫(ସମିସ): ଦୀର୍ଘ ପାଞ୍ଚ ମାସ ଧରି ରାସନ କାର୍ଡରେ ଚାଉଳ ମିଳୁନଥିବା ନେଇଁ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଜଣେ ଭିନ୍ନକ୍ଷମ ହିତାଧିକାରୀ। ଫିରିଙ୍ଗିଆ ବ୍ଲକ ବାଳନ୍ଦାପଡା ଗାଁର ହରିହର ଦିଗାଲ ଜନ୍ମରୁ ଭିନ୍ନକ୍ଷମ। ଗତ ୬ ମାସରୁ ଅଧିକ ହେବ ତାଙ୍କୁ ପିଡିଏସ୍ ଚାଉଳ ମିଳୁନାହିଁ। ସେ ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ମାତ୍ର ପାଞ୍ଚ କେଜି ଚାଉଳ ମିଳୁଥିଲା। କିନ୍ତୁ ଗତ ୬ ମାସ ହେଲା ହରିହରଙ୍କୁ ଚାଉଳ ମିଳୁ ନଥିବା ଅଭିଯୋଗ କରିଛନ୍ତି। ବାହାର ଜିଲ୍ଲାରେ ବିବାହ କରିଛନ୍ତି ହରିହର। କିନ୍ତୁ ତାଙ୍କ ସ୍ତ୍ରୀଙ୍କ ମଧ୍ୟ ରାସନ କାର୍ଡରେ ନାମ ନାହିଁ କି ଚାଉଳ ମଧ୍ୟ ମିଳୁ ନାହିଁ। ତେଣୁ ବାଧ ହୋଇ କନ୍ଧମାଳ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ହରିହର ସମ୍ପୂର୍ଣ୍ଣ ଭିନ୍ନକ୍ଷମ ହୋଇଥିବା ବେଳେ ମିଳୁଥିବା ପାଞ୍ଚ କେଜି ଚାଉଳ ମଧ୍ୟ ମିଳି ପାରୁନଥିବାରୁ ପରିବାରରେ ଚଳିବା ଅସମ୍ଭବ ହୋଇପଡିଛି। ବାରମ୍ବାର ହରିହର ଅନ୍ତୋଦୟ କାର୍ଡଟିଏ ପାଇଁ ଦାବି କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣନଥିବା ବେଳେ ତୁରନ୍ତ ଚାଉଳ ବ୍ୟବସ୍ଥା କରିବା ସହ ଅନ୍ତୋଦୟ କାର୍ଡ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି ହରିହର। ଏହି ଘଟଣାକୁ ନେଇଁ ସ୍ଥାନୀୟ ଯୋଗାଣ ନିରୀକ୍ଷକ ସଞ୍ଜୟ କୁମାର ଦାସଙ୍କୁ ପଚାରିବାରୁ ତାଙ୍କୁ ଚାଉଳ ଦିଆଯାଉଛି ବୋଲି କହିଥିବା ବେଳେ ନିଜେ ହରିହର ଚାଉଳ ନ ପାଇବା ନେଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସନ୍ଦେହ ସୃଷ୍ଟି କରିଛି। ଚାଉଳ ଯଦି ଦିଆଯାଉଛି ତାହାହେଲେ କିଏ ନେଉଛି ନା ମିଛରେ ଚାଉଳ ନ ଦେଇ ଚାଉଳ ଦିଆଯାଉଥିବା ଯୋଗାଣ ନିରୀକ୍ଷକ କହୁଛନ୍ତି ତାହା ମଧ୍ୟ ତଦନ୍ତ ସାପେକ୍ଷ। ତେବେ ତୁରନ୍ତ ଚାଉଳ ଯୋଗାଇଦେବା ସହ ଏକ ଅନ୍ତୋଦୟ କାର୍ଡ ବ୍ୟବସ୍ଥା କରିବା ସହ ହରିହରଙ୍କ ସ୍ତ୍ରୀଙ୍କ ନାମ ମଧ୍ୟ ରାସନ କାର୍ଡରେ ସଂଯୋଗ କରିବାକୁ ସାଧାରଣରେ ଦାବି ହେଉଛି।

# ସରକାରୀ ହାଇସ୍କୁଲ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା ହେଉ

ପାରଳାଖେମୁଣ୍ଡି, ୭।୫(ସମିସ): ନିକଟରେ ଦଶମ ହାଇସ୍କୁଲ ସାର୍ଟିଫିକେଟ ବୋର୍ଡ ପରୀକ୍ଷାଫଳ ପ୍ରକାଶିତ ହୋଇଛି। ଏଥିରେ ଗଜପତି ଜିଲ୍ଲା ଓଡିଶାର ସର୍ବଶ୍ରେଷ୍ଠ ୯୯.୩୧% ପାସ୍ ହାର ରଖିଛି। ଗତବର୍ଷ ମଧ୍ୟ ୯୯.୩୫% ପାସ୍ ହାର ରଖି ରାଜ୍ୟରେ ପ୍ରଥମସ୍ଥାନ ଅଧିକାର କରିଥିଲା। ଏଥର ୬ ଜଣ ଏ୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସମସ୍ତ ଏ୧ ଟପ୍ପର୍ ଗ୍ରାମାଞ୍ଚଳର ବିଶେଷ କରି ଆଦିବାସୀ ଅଧ୍ୟୁଷିତ ବ୍ଲକର ୫ ଜଣ ଥିବାବେଳେ ଜଣେ ଗୋଷାଣି ବ୍ଲକର ଅଟନ୍ତି। ସେଥିରୁ ୫ ଜଣ ଝିଅ ଓ ଜଣେ ପୁଅ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗଜପତି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପାରଳାଖେମୁଣ୍ଡିରେ ୩ଟି ସରକାରୀ ଉଚ୍ଚ ବିଦ୍ୟାଳୟ ଅଛି। ସେଥିରୁ ୧୦୦ ବର୍ଷର ପୁରାତନ ୨ଟି ବିଦ୍ୟାଳୟ ଯଥା:- ମହାରାଜାଙ୍କ ଉଚ୍ଚ ବାଳକ ବିଦ୍ୟାଳୟ ଓ ମହାରାଜାଙ୍କ ଉଚ୍ଚ ବାଳିକା ବିଦ୍ୟାଳୟ ଅଟେ। ଏହି ବିଦ୍ୟାଳୟରେ ଗତ ୨୦୦୦ ମସିହା ପର୍ଯ୍ୟନ୍ତ ଭଲ ପରୀକ୍ଷାଫଳ କରୁଥିଲା। ବର୍ତ୍ତମାନ ଏଥିରେ ଏ୧ ପରୀକ୍ଷାଫଳ ହାସଲ କରିବା ମୁସ୍କିଲ ହୋଇପଡିଛି। ଆଉଗୋଟିଏ ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ସେଠାରେ ମଧ୍ୟ ବର୍ତ୍ତମାନ ଏ୧ ପାଇବା କାଠିକର ପାଠ। ଏହାଛଡା ଅନ୍ୟାନ୍ୟ ବେସରକାରୀ ବିଦ୍ୟାଳୟ ଯଥା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ରହିଛି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କ୍ରମାନ୍ୱୟରେ ଏ୧ ରହି ଆସୁଥିବା ବେଳେ ଏହି ବର୍ଷ କେହି ଏ୧ରେ ପାସ୍ କରିନାହାନ୍ତି। ତଥାପି ସେଠାରେ ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହିସବୁ ଅନୁଶୀଳନ କଲେ ଗୁଣାତ୍ମକ ଶିକ୍ଷାର ଅଭାବ ସରକାରୀ ସ୍କୁଲରେ ପରିଲିକ୍ଷିତ ହୋଇଛି। ବରଂ କେତେକ ଆଦିବାସୀ ଅଧ୍ୟୁଷିତ ବିଦ୍ୟାଳୟରେ ସେଠାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ଏ୧ ହାସଲ କରିବାରେ ସଫଳ ହୋଇଛନ୍ତି। ଆର୍.ଉଦୟଗିରି ବ୍ଲକର କେ.ଏମ୍.ଭାଲିଆସାହି ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀ ଶିକ୍ଷାସହ ପ୍ରତ୍ୟେକ ଦିନ ସକାଳ ୭.୩୦ ରୁ ୯.୩୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କର ନିୟମିତ ସନ୍ଦେହ ଦୂର କରିବା ସହ ସ୍ୱତନ୍ତ୍ର ଶିକ୍ଷାଦାନର ବ୍ୟବସ୍ଥା ହୋଇଥାଏ। ଯାହାଫଳରେ ଗତ ୨୦୨୫ ଦଶମ ବୋର୍ଡ ପରୀକ୍ଷାରେ ୪ ଜଣ ଏ୧ ପାଇଥିଲେ। ଏଥର ଯଦିଓ ଏ୧ ପାଇବାରେ ବିଫଳ ହୋଇଛନ୍ତି ତଥାପି ଭଲ ପରୀକ୍ଷାଫଳ ହୋଇଛି, କହିଛନ୍ତି ସେହି ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା। ସେହିପରି ଆର୍. ଉଦୟଗିରି ବ୍ଲକର ରଣ୍ଡିବା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଞ୍ଚାନନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦାୟିତ୍ୱ ଯୋଗୁଁ ଏହିବର୍ଷ ଜଣେ ନିଜ ପିତାଙ୍କୁ ହରାଇଥିବା ଛାତ୍ର ଏ୧ ପାଇଛନ୍ତି। ତେଣୁ ଏହି ଫଳାଫଳକୁ ଲକ୍ଷ୍ୟ କଲେ ପାରଳାଖେମୁଣ୍ଡି ସରକାରୀ ବିଦ୍ୟାଳୟରେ କିଛି ଅନୁସୃଜନ ଚିନ୍ତାଧାରା ବ୍ୟବସ୍ଥା ଜରୁରୀ କହିଛନ୍ତି ଶିକ୍ଷାବିତ୍ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବିନୋଦ ଚନ୍ଦ୍ର ଜେନା।

# ସୁଭଦ୍ରାଶକ୍ତି କେନ୍ଦ୍ର ଉଦଘାଟିତ



ପାରଳାଖେମୁଣ୍ଡି, ୭।୫(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଖାଣ୍ଡବା ଗ୍ରାମ ଠାରେ ପଞ୍ଚାୟତସ୍ତରୀୟ ସୁଭଦ୍ରାଶକ୍ତି କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ ଓ ବସ ରହଣି ସ୍ଥଳର ଶୁଭ ଉଦଘାଟନ କଲେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ। ପ୍ରଥମେ ଉଦଘାଟନୀ ଉତ୍ସବରେ ଯୋଗଦେବା ପୂର୍ବରୁ ଗାଁ ରେ ହେଉଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ବିଧାୟକ। ସେଠାରେ ପୂଜାର୍ଚ୍ଚନନା କରିବା ପରେ ବିଧାୟକ ଏବଂ ସାଥିରେ ଥିବା ଅନ୍ୟମାନଙ୍କୁ ମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଗ୍ରାମବାସୀ। ପରେ ଉଦଘାଟନୀ ଉତ୍ସବ ରେ ଯୋଗଦେଲେ। ମହିଳା ମାନଙ୍କ ପାଇଁ ହୋଇଥିବା ସୁଭଦ୍ରାଶକ୍ତି କେନ୍ଦ୍ରରେ ଆସିଥିବା ସମସ୍ତ ମହିଳା ମାନଙ୍କ ସହ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଯାହାବି ଅସୁବିଧା ରହିଛି ତୁରନ୍ତ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବିଧାୟକ। ବିଧାୟକଙ୍କ ଏହି ଗ୍ରସ୍ତ ସମୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଏସ. କଲ୍ୟାଣୀ, ଜିଲ୍ଲାପରିଷଦ ସଦସ୍ୟା ରୋକମ୍ ରାଜଲକ୍ଷ୍ମୀ, ନାଏବ ସରପଞ୍ଚ ରୋକମ ସତିଶ, ସମିତି ସଭ୍ୟ ଜଗନ୍ନାଥ ଦୋରା, କେ.ସୀତାପୁର ସରପଞ୍ଚ ତେଜେଶ୍ୱର ରାଓ, ସ୍ଥାନୀୟ ସରପଞ୍ଚ ମାଧବୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଗୁଣି ସନ୍ଦେହରେ ନିର୍ଯାତନା

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ ପରିବାର



ଫିରିଙ୍ଗିଆ,୭।୫(ସମିସ): ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଧୀନ କୁରେଇ ପଦର ଗାଁର ସରୋଜିନୀ କହଁର ଓ ତାଙ୍କ ସ୍ୱାମୀ ପୀତବାସ କହଁରଙ୍କୁ ନିକଟସ୍ଥ ଡେରାକୁମ୍ପା ଗାଁର ନିର୍ଦ୍ଦିଷ୍ଟ ପରିବାର ଲୋକେ ଗୁଣି କରି ମାରୁଥିବା ଅଭିଯୋଗ କରି ବାରମ୍ବାର ଗାଳି ଗୁଲଜ କରିବା ସହ ମାଡ଼ ମାରିବା ଭଳି ଅଭିଯୋଗ ହୋଇଛି। ବର୍ତ୍ତମାନ ସେମାନେ ହତ୍ୟା ଧମକ ଦେଉଥିବା ପୀଡିତା ପରିବାର ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ଗୋଛାପଡା ଥାନାରେ ସରୋଜିନୀ ଲିଖିତ ଭାବରେ ଅଭିଯୋଗ କରିଥିବା ବେଳେ ଥାନା ତରଫରୁ ସେଭଳି ପଦକ୍ଷେପ ଗ୍ରହଣ ନ କରି ନଥିବା ପୀଡ଼ିତ ପରିବାର ଅଭିଯୋଗ କରିଛନ୍ତି। ତେଣୁ ସରୋଜିନୀଙ୍କ ପରିବାର ଲୋକେ କନ୍ଧମାଳ ଏସପିଙ୍କୁ ଭେଟି ନ୍ୟାୟ ଦାବି କରିବା ସହ ଜୀବନ ସୁରକ୍ଷା ମଧ୍ୟ ଦାବି କରିଛନ୍ତି। ତେବେ ପୀଡିତା ପରିବାର ଉପଯୁକ୍ତ ନ୍ୟାୟ ପାଇବାକୁ ଆଶା ରଖିଥିବା ବେଳେ ସଦର ଏସଡ଼ିପିଓ ଶୁଭ୍ରଜିତ ବିଶ୍ୱାଳ ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏନେଇ ଗୋଛାପଡା ଥାନା ଅଧିକାରୀ ସଂଜୀବ କୁମାର ବେହେରାଙ୍କୁ ପଚାରିବାରୁ ଗୋଛାପଡା ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଉଭୟଙ୍କୁ ଡାକି ବୁଝା ସୁଝା କରିବା ସହ ଏଭଳି ନ କରିବାକୁ ତାଗିଦ କରାଯାଇଛି ବୋଲି କହିଛନ୍ତି।


# କର୍କଟ ପୀଡ଼ିତଙ୍କୁ ପୂର୍ବତନ ଅଧ୍ୟକ୍ଷଙ୍କ ସହାୟତା

ଜି ଉଦୟଗିରି,୭।୫(ସମିସ): ଜି ଉଦୟଗିରି ଏକ ନମ୍ବର ୱାର୍ଡ ପଦାସାହିର ବାସିନ୍ଦା ଅଶୋକ ମଳିକ (୪୮) ଦୀର୍ଘ ଦିନ ହେଲା କର୍କଟ ରୋଗରେ ପୀଡିତ ହୋଇଥିବା ବେଳେ ଏବେ ଚିକିତ୍ସା ସହିତ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇ ପଡିଛି। ଭୁବନେଶ୍ୱରରେ ଚିକିତ୍ସା ହୋଇ ଫେରିଥିଲେ ମଧ୍ୟ ସୁସ୍ଥ ହୋଇ ପାରିନାହାନ୍ତି। ଅନ୍ୟ ପଟେ ଚିକିତ୍ସା ପାଇଁ ଆର୍ଥିକ ସମ୍ବଳ ନଥିବା ବେଳେ ଦିନକୁ ଦୁଇ ବେଳା ପେଟକୁ ଦାନା ମିଳିବା କଷ୍ଟକର ହୋଇ ପଡିଛି। ଅଶୋକ ମୂଳ ଲାଗି ପରିବାର ପରିବାର ପ୍ରତିପୋଷଣ କରୁଥିବା ବେଳେ ବୁଢ଼ୀ ମା'ଙ୍କ ସମେତ ତିନି ପୁଅ ଝିଅ ସହିତ ସ୍ତ୍ରୀ ୬ ପ୍ରାଣୀ କୁଟୁମ୍ବ ବୋଝ ରହିଛି। ଏମିତିକି ପିଲାମାନଙ୍କ ପାଠପଢ଼ାରେ ଡୋରି ବନ୍ଧା ହେବାକୁ ବସିଲାଣି। ସରକାରୀ ସହାୟତାକୁ ଚାହିଁ ବସିଥିବା ବେଳେ ଏହି ଖବର ଶୁଣି ପୂର୍ବତନ ଏନଏସି ଅଧକ୍ଷ ତଥା ସମାଜସେବୀ ସଂଜୀବ ପାତ୍ର କିଛି ଆର୍ଥିକ ରାଶି ସହ ଏକ ମାସର ରାସନ ସାମଗ୍ରୀ ପ୍ରଦାନ କରିବା ସହ ପ୍ରତେକ ମାସ ରାସନ ସାମଗ୍ରୀ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି.। ଏହାସହିତ କ୍ୟାନ୍ସର ହସ୍ପିଟାଲ ପଠାଇବା ବ୍ୟବସ୍ଥା କରିବାକୁ କହିଛନ୍ତି। ଏହି ଅବସରରେ ପ୍ରକାଶ ନାୟକ, ନାଗା ସାହୁ, ବିବେକା ପ୍ରଧାନ, ସଂଜୀବ ପ୍ରଧାନ, କବିଚନ୍ଦ୍ର ମହାନ୍ତି, ପ୍ରଦୀପ ନାୟକ, ଜେନା ପ୍ରଧାନ, ଲଳିତ ମଳିକ, ସତ୍ୟ ନାରାୟଣ ପ୍ରଧାନ ସହ ପ୍ରେସ କ୍ଲବ ସଦସ୍ୟ ଦୁର୍ଗା ମାଧବ ପଟ୍ଟନାୟକ, ନୀଳମାଧବ ପ୍ରଧାନ ଏବଂ ଏନ.ରାଜା ରାଓ ପ୍ରମୁଖ ଉପସ୍ଥିତ ଥିଲେ।

ବେଆଇନ ବନ୍ଧୁକ କାରଖାନା ଠାବ ଘଟଣା

# ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ

ତୁମୁଡିବନ୍ଧ,୬।୫(ସମିସ)



କନ୍ଧମାଳ ଜିଲ୍ଲାର ତୁମୁଡିବନ୍ଧ ଅଞ୍ଚଳରେ ଦିନକୁ ଦିନ ଶିକାରୀ ମାନଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଗତ ଏକ ମାସ ମଧ୍ୟରେ ବନବିଭାଗ ଓ ପୁଲିସ ଶିକାରୀ ମାନଙ୍କୁ ଗିରଫ କରିବା ସହିତ ବନ୍ଧୁକ ଓ ବିସ୍ଫୋରୋକ ସରଞ୍ଜାମ ଜବତ କରିଛି। ସେହିପରି ତୁମୁଡିବନ୍ଧ ଥାନା ଲାବନ୍ୟନଗର ଗ୍ରାମରେ ଚଢ଼ଉ କରି ଜଣେ କମାରକୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୁକ୍ତଙ୍କ ଗିରଫ ପରେ ତାଙ୍କ ପରିବାରରେ ଦୁଇମୁଠା ଦାନା ଓ ପରିବାରରର ଭରଣପୋଷଣ ପାଇଁ ଚିନ୍ତାରେ ରହିଛନ୍ତି। ଅଭିଯୁକ୍ତ ଦୈତାରୀ ଜଣେ ଦିନ ମଜୁରିଆ କାମ କରିବା ସହ ଲୁହାପିଟି ନିଜ ପରିବାରର ଭରଣପୋଷଣ କରୁଥିଲେ। ଦୈତାରୀ ଗିରଫ ପରେ ତାଙ୍କ ବାପା ବିସ୍ଫୋରୋକ ବୟାନ ଦେଇଛନ୍ତି। ତାଙ୍କ ବାପାଙ୍କ କହିବା ଅନୁଯାଇ ପୁଲିସ ଯେଉ ତିନିଗୋଟି ବନ୍ଧୁକ ଜବତ କରିଛନ୍ତି ତାହା ଦୈତାରୀ ପାଖରେ ନଥିଲା। କିନ୍ତୁ ପୁଲିସ ଗଣମାଧ୍ୟମ ସମ୍ମୁଖରେ ବନ୍ଧୁକ ଜବତ କରିଥିବା ସୂଚନା ଦେଇଛି। ସେହିପରି ଯଦି ଦୈତାରୀ ପାଖରୁ ୩ଟି ମରାମତି ବନ୍ଧୁକ ଜବତ କରାଯାଇଛି ତେବେ ସେ ବନ୍ଧୁକ ଗୁଡିକ କାହାର ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯଦି ଦୈତାରୀ ବନ୍ଧୁକ ମରାମତି କରୁଥିଲେ ତେବେ କେଉଁମାନେ ମରାମତି ପାଇଁ ବନ୍ଧୁକ ଆଣିଥିଲେ ଦୈତାରୀଙ୍କ ବୟାନ ଅନୁଯାଇ ସେମାନଙ୍କ ପାଖକୁ ପୋଲିସ ପହଞ୍ଚିକି ତାଙ୍କୁ ଗିରଫ କରିବ ତ ନାଁ କେବଳ କୋର୍ଟ ଚାଲାଣ କରି ପୁଲିସ ଚୁପ ରହିବ ତାହା ଦେଖିବାକୁ ବାକି ରହିଲା।

# ଚଉଦ କୋଷ କେନ୍ଦ୍ର ସୁଦ କୁଳ ସମାଜର ବାର୍ଷିକ ସମ୍ମିଳନୀ

ଫିରିଙ୍ଗିଆ,୭।୫(ସମିସ): ଫୁଲବାଣୀ ବ୍ଲକ ଗୁମାଗଡ଼ ବରାଳ ଦେବୀ ମନ୍ଦିର ପ୍ରାଙ୍ଗଣରେ ଦକ୍ଷିଣାଞ୍ଚଳ ଜିଲ୍ଲା ଅଧୀନ ଚଉଦ କୋଷ କେନ୍ଦ୍ର ସୁଦ କୁଳ ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଚଉଦ କୋଷ କେନ୍ଦ୍ର ସଭାପତି ଅରୁଣ ନାୟକଙ୍କ ଅଧ୍ୟକ୍ଷତାରେ ଏବଂ ଚଉଦକୋଷ କେନ୍ଦ୍ର ସମ୍ପାଦକ ଅଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସଭାପତି ବିରାଟ ବିଷୋଇ ଯୋଗ ଦେଇଥିବା ବେଳେ ଅନ୍ୟ ସମ୍ମାନିତ ଅତିଥି ଭାବରେ ବାରକୋଷ କେନ୍ଦ୍ର ସଭାପତି ସମୀର ବିଶୋଇ, ହଦ ଗଡ଼ କେନ୍ଦ୍ର ସଭାପତି ଗୋବିନ୍ଦ ଅମାତ୍ୟ, ପ୍ରାଦେଶିକ ବୋର୍ଡ ସଭାନେତ୍ରୀ ରଜନୀ ଭୁକ୍ତା, ବରିଷ୍ଠ ଉପଦେଷ୍ଟା କାଳିଆ ଭୁକ୍ତା, ପୂର୍ବତନ ଜିଲ୍ଲା ସଭାପତି ଉଦ୍ଧବ ବିଶୋଇ, ବରିଷ୍ଠ ପ୍ରାଦେଶିକ ବୋଡର୍ ଉପଦେଷ୍ଟା ଅନ୍ତର୍ଯ୍ୟାମୀ ଦଳବେହେରା, ପ୍ରଫୁଲ୍ଲ ଦନାୟକ, ଯୋଗ ଦେଇଥିଲେ। ସଭାପତିଙ୍କ ଦ୍ୱାରା ବୈଠକ ଆରମ୍ଭ କରାଯିବା ସହ ସାମାଜିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା। ସମ୍ମିଳନୀ ପରିଚାଳନା ଆୟୋଜକ କମିଟି ସଭାପତି ଠାକୁର ବିଶ୍ୱାଳ, ସମ୍ପାଦକ ସୀମାଞ୍ଚଳ ପାତ୍ର, ବିବେକାନନ୍ଦ ନାୟକ, ଆଶିଷ ବିଶ୍ୱାଳ, ଜ୍ୟୋତିଷ ଚନ୍ଦ୍ର ନାୟକ, ରଞ୍ଜନ କର୍ମୀ, ସୀମାଞ୍ଚଳ ଦେହୁରୀ, ହେମନ୍ତ ମାଝୀ, ଓ ଗୁମାଗଡ଼ବାସୀ ସହଯୋଗ କରିଥିବା ବେଳେ ସମୀକ୍ଷକ ରାମଚନ୍ଦ୍ର ବିଶୋଇ ଓ ସଞ୍ଜୟ ବିଶୋଇ ପରିଚାଳନା କରିଥିଲେ।



